# ଜଙ୍ଗଲ ଅଧିକାର ଆଇନ୍ ୨୦୦୬

ବନବାସୀମାନଙ୍କର ପାରମ୍ପରିକ ଅଧିକାରର ସ୍ୱୀକୃତି, ସେମାନଙ୍କର ଜୀବନ ଓ ଖାଦ୍ୟ ନିରାପତ୍ତା ଏବଂ ସର୍ବୋପରି ସେମାନଙ୍କ ଉପରେ ବ୍ରିଟିଶ ଶାସନ କାଳରୁ ଏ ପର୍ଯ୍ୟନ୍ତ ହୋଇଆସୁଥିବା ଐତିହାସିକ ଅନ୍ୟାୟକୁ ନ୍ୟାୟୋଚିତ କରିବା ପାଇଁ ଜଙ୍ଗଲ ଅଧିକାରର ଚିହ୍ନଟ ଓ ପ୍ରତ୍ୟାର୍ପଣ ପାଇଁ ଭାରତୀୟ ଗଣତନ୍ତ୍ରର ଏହା ସର୍ବ ପ୍ରଥମ ବିଧି ବ୍ୟବସ୍ଥା।

୧୫ ଡିସେମ୍ବର ୨୦୦୬ ଦିନ ଲୋକସଭା ଏବଂ ୧୮ ଡିସେମ୍ବର ୨୦୦୬ ଦିନ ରାଜ୍ୟସଭାର ଅନୁମୋଦନ ପାଇ ଏହି ଆଇନ୍ ୨୯ ଡିସେମ୍ବର ୨୦୦୬ ଦିନ ରାଷ୍ଟ୍ରପତିଙ୍କ ସ୍ୱୀକୃତି ପାଇଲା। ୧ ଜାନୁଆରୀ ୨୦୦୮ ରୁ ଏହି ଆଇନ୍ ଲାଗୁ କରାଯାଇଛି।

ଏ ଆଇନ୍ କାହା ପାଇଁ ?

ନିମ୍ନଲିଖିତ ବ୍ୟକ୍ତି / ଗୋଷ୍ଠୀ ଏହି ଆଇନ୍ ଅଧୀନରେ ଅଧିକାର ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ।

(୧) ୧୩ ଡିସେମ୍ବର ୨୦୦୫ ପୂର୍ବରୁ ଜଙ୍ଗଲରେ ବସବାସ କରିଆସୁଥିବା ଆଦିବାସୀ ବ୍ୟକ୍ତି / ଗୋଷ୍ଠୀ

(୨) ୧୩ ଡିସେମ୍ବର ୨୦୦୫ ପୂର୍ବରୁ ତିନି ପୀଢ଼ୀ ଧରି ଜଙ୍ଗଲରେ ବସବାସ କରିଆସୁଥିବା ଅନ୍ୟାନ୍ୟ ପାରମ୍ପାରିକ ବନବାସୀ ବ୍ୟକ୍ତି / ଗୋଷ୍ଠୀ (ଏକ ପିଢ଼ୀର ଅର୍ଥ ୨୫ ବର୍ଷ)

## ଏହି ଆଇନ୍ ଅଧୀନରେ ମିଳୁଥିବା ଅଧିକାର

- ଜଙ୍ଗଲ ଜମିରେ ବସବାସ କରିବା ଓ ଚାଷକରି ଜୀବିକା ଅର୍ଜନ କରିବାର ଅଧିକାର।
- "ନିସ୍ତାର" ଭଳି ସାମୂହିକ ଅଧିକାର ଯାହା 'ଜମିଦାରୀ' ବା 'ରାଜରାଜୁଡ଼ା' ଶାସନ କାଳରେ ଲୋକମାନଙ୍କର ରହିଥିଲା ଏବଂ ପରବର୍ତ୍ତୀ ସମୟରେ ଉଚ୍ଛେଦ କରାଯାଇଛି।
- ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ, ବ୍ୟବହାର ଓ ବିକ୍ରୀର ମାଲିକାନା ଅଧିକାର।
- ଜଙ୍ଗଲ ଜମିରେ ଥିବା ଜଳାଶୟଗୁଡ଼ିକରୁ ମାଛ ଧରିବା ବା ଅନ୍ୟ ଜଳଜ ଦ୍ରବ୍ୟ ସଂଗ୍ରହ କରିବାର ସାମୂହିକ ଅଧିକାର।
- ଯାଯାବର ଓ ଚାରଣଶୀଳ ଗୋଷ୍ଠୀମାନଙ୍କର ଚାରଣଭୂମିର ବ୍ୟବହାର ପାଇଁ ସାମୂହିକ ଅଧିକାର।
- ଜୁଆଙ୍ଗ, ଖଡ଼ିଆ, ପାହାଡ଼ି ଭୂୟାଁ ଆଦି ଆଦିମ ଜନଜାତି ଓ ଚାଷ ପାଇଁ ସ୍ଥାୟୀ ଜମି ତିଆରି ହେବା ପୂର୍ବରୁ ଯେଉଁମାନେ ଜଙ୍ଗଲରେ ପୋଡୁଚାଷ କରି ଜୀବିକା ଅର୍ଜନ କରୁଥିଲେ ସେମାନଙ୍କୁ ସେମାନଙ୍କର ବସତି ଉପରେ ଗୋଷ୍ଠୀଗତ ଅଧିକାର।
- ଯେ କୌଣସି ବିବାଦ ଯୋଗୁଁ ଦାବିଦାରମାନେ ବଞ୍ଚିତ ହୋଇଥିବା ଜମି ଉପରେ ଅଧିକାର।
- ରାଜ୍ୟ ସରକାର ବା ତାଙ୍କର ସ୍ଥାନୀୟ ଅଧିକାରୀମାନଙ୍କ ଦ୍ୱାରା ଦିଆଯାଇଥିବା ଅସ୍ଥାୟୀ ପଟ୍ଟା ବା ମଞ୍ଜୁରୀ ବା ଲିଜ୍ ଜମିର ସ୍ଥାୟୀ ପଟ୍ଟା ପାଇବାର ଅଧିକାର।
- ଜଙ୍ଗଲ ଭିତରେ ଥିବା ସବୁ ପ୍ରକାର ଗ୍ରାମକୁ ବ୍ୟବସ୍ଥିତ କରିବା ଏବଂ ରାଜସ୍ୱଗ୍ରାମର ମାନ୍ୟତା ପାଇବାର ଅଧିକାର।
- ଗୋଷ୍ଠୀମାନଙ୍କ ଦ୍ୱାରା ଜଙ୍ଗଲର ସୁରକ୍ଷା, ପୁନର୍ଜନନ, ସଂରକ୍ଷଣ ଓ ପରିଚାଳନା ଅଧିକାର।
- ଜୈବ ବିବିଧତା ଓ ସାଂସ୍କୃତିକ ବିବିଧତାକୁ ଜାହିର କରିବା ପାଇଁ ବୌଦ୍ଧିକ ଅଧିକାର।
- ୧୩ ଡିସେମ୍ବର ୨୦୦୫ ପୂର୍ବରୁ ଅନୈତିକ ଭାବରେ ଉଚ୍ଛେଦ ହୋଇଥିବା ତଥା ଉପଯୁକ୍ତ ପୁନର୍ବାସ ପାଇନଥିବା ବ୍ୟକ୍ତି / ଗୋଷ୍ଠୀମାନଙ୍କର ପୁନର୍ବାସ ଅଧିକାର।

ଏହା ବ୍ୟତୀତ ବିଦ୍ୟାଳୟ, ସ୍ୱାସ୍ଥ୍ୟକେନ୍ଦ୍ର ଭଳି କେତେକ ଉନ୍ନୟନମୂଳକ ପ୍ରକଳ୍ପ ପାଇଁ ଜଙ୍ଗଲ-ଜମିର ବ୍ୟବହାର କରାଯାଇପାରିବ ଓ ଜଙ୍ଗଲରୁ ଗଛ ମଧ୍ୟ କଟାଯାଇପାରିବ। ଯେ କୌଣସି ପରିସ୍ଥିତିରେ ହେକ୍ଟର ପିଛା ୭୫ ରୁ ଅଧିକ ଗଛ କଟାଯାଇପାରିବ ନାହିଁ।

## ଆଇନର କାର୍ଯ୍ୟକାରିତା ପାଇଁ ଗଠିତ ବିଭିନ୍ନ କମିଟି

**ଜଙ୍ଗଲ ଅଧିକାର କମିଟି :**

ଏହି ଆଇନ୍ ଉଦ୍ଦେଶ୍ୟରେ ଡକାଯାଇଥିବା ପ୍ରଥମ ପଲ୍ଲୀସଭାରେ ଏହି କମିଟି ଗଠିତ ହେବ।

ଉକ୍ତ କମିଟି ପଲ୍ଲୀସଭା ତରଫରୁ ଦାବି ଆମନ୍ତ୍ରଣ ଏବଂ ଦାବିଗୁଡ଼ିକର ସତ୍ୟାସତ୍ୟ ନିରୂପଣ କରି ଦାବି ନିର୍ଦ୍ଧାରଣ ପାଇଁ ଉପଖଣ୍ଡ ସ୍ତରୀୟ କମିଟିକୁ ପ୍ରେରଣ କରିବ।

**ଉପଖଣ୍ଡସ୍ତରୀୟ କମିଟି :**

ରାଜ୍ୟ ସରକାର ଉପଖଣ୍ଡ ସ୍ତରରେ ଏହି କମିଟି ଗଠନ କରିବେ। ଉକ୍ତ କମିଟି ପଲ୍ଲୀସଭା ଏବଂ ଜଙ୍ଗଲ ଅଧିକାର କମିଟିକୁ ସବୁପ୍ରକାର ସାହାଯ୍ୟ କରିବା ତଥା ଜଙ୍ଗଲ ଅଧିକାର କମିଟି ଦ୍ୱାରା ପ୍ରସ୍ତାବିତ ଦାବିଗୁଡ଼ିକର ଯାଞ୍ଚ କରି ଅଧିକାର ନଥି ପ୍ରସ୍ତୁତ କରିବା ପାଇଁ ଜିଲ୍ଲା ସ୍ତରୀୟ କମିଟିକୁ ପ୍ରେରଣ କରିବ।

**ଜିଲ୍ଲାସ୍ତରୀୟ କମିଟି :**

ରାଜ୍ୟ ସରକାର ଜିଲ୍ଲାସ୍ତରରେ ଏହି କମିଟି ଗଠନ କରିବେ। ଜିଲ୍ଲାପାଳ ଏହାର ଅଧ୍ୟକ୍ଷତା କରିବେ। ଉପଖଣ୍ଡ କମିଟି ଦ୍ୱାରା ପ୍ରସ୍ତାବିତ ଅଧିକାର ଗୁଡ଼ିକ ସମ୍ପର୍କରେ ଏହି ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରିବ।

**ରାଜ୍ୟସ୍ତରୀୟ କମିଟି :**

ରାଜ୍ୟ ସରକାର ରାଜ୍ୟସ୍ତରରେ ଏହି କମିଟି ଗଠନ କରିବେ। ଏହି କମିଟି ଜଙ୍ଗଲ ଅଧିକାର ପ୍ରଦାନ ଦିଗରେ ହେଉଥିବା ସମସ୍ତ କାର୍ଯ୍ୟର ତଦାରଖ କରିବ।

## ଅଧିକାର ପାଇବା ପାଇଁ ପ୍ରକ୍ରିୟା

- ପ୍ରତ୍ୟେକ ଗ୍ରାମରେ ସ୍ୱତନ୍ତ୍ର ପଲ୍ଲୀସଭା ଡକାଯାଇ ଜଙ୍ଗଲ ଅଧିକାର କମିଟି ଗଠନ କରାଯିବ। ଏଭଳି ପଲ୍ଲୀସଭାର କୋରମ୍ ପାଇଁ ୨/୩ ଅଂଶ ସଭ୍ୟଙ୍କ ଉପସ୍ଥିତି ଆବଶ୍ୟକ।
- ଜଙ୍ଗଲ ଅଧିକାର କମିଟିରେ ୧୦ ରୁ ୧୫ଜଣ ସଦସ୍ୟ ରହିବେ। ଏହି କମିଟିର ତିନି ଭାଗରୁ ଏକ ଭାଗ ସଭ୍ୟ ଆଦିବାସୀ ତଥା ତିନିଭାଗରୁ ଏକ ଭାଗ ମହିଳା ସଭ୍ୟା ହେବା ଆବଶ୍ୟକ।
- ଏହି କମିଟିର ଜଣେ ଅଧ୍ୟକ୍ଷ / ସଭାପତି ଏବଂ ଜଣେ ସମ୍ପାଦକ ରହିବେ।
- ପଲ୍ଲୀସଭା ଜଙ୍ଗଲ ଅଧିକାର ସମ୍ପର୍କିତ ଦାବି ଆହ୍ୱାନ କରିବ ଏବଂ ଏହି ଦାବି ଗୁଡ଼ିକ ଗ୍ରହଣ କରିବା ପାଇଁ ଜଙ୍ଗଲ ଅଧିକାର କମିଟିକୁ କ୍ଷମତା ପ୍ରଦାନ କରିବ। ଏହି ଦାବି ଦାଖଲ ପାଇଁ ନିର୍ଦ୍ଦିଷ୍ଟ ଫର୍ମ ଦାବିଦାରମାନେ ମାଗଣାରେ ପାଇପାରିବେ।
- ସାମୂହିକ ଦାବିଗୁଡ଼ିକ କ୍ଷେତ୍ରରେ ଜଙ୍ଗଲ ଅଧିକାର କମିଟି ପଲ୍ଲୀସଭା ତରଫରୁ ଦାବି ପ୍ରସ୍ତୁତ କରିବ।

**ମନେରଖିବା**

**ଜଙ୍ଗଲ ଅଧିକାର ସ୍ୱୀକୃତି ପାଇଁ ଏହି ଆଇନରେ ବ୍ୟବସ୍ଥା ଗ୍ରହଣ କରାଯାଇଛି। ପ୍ରତ୍ୟେକ ଦାବିଦାର ବିନାଖର୍ଚ୍ଚରେ ନିଜର ଦାବିଦାଖଲ କରିପାରିବେ ତଥା ଦାବିର ନିର୍ଦ୍ଧାରଣ ପ୍ରକ୍ରିୟାରେ ଭାଗ ନେଇ ପାରିବେ। ଏଣୁ ଦଲାଲମାନଙ୍କଠାରୁ ଦୂରେଇ ରହିବା ଜରୁରୀ।**

**ଏହି ଜଙ୍ଗଲ ଅଧିକାର ସ୍ୱୀକୃତିପତ୍ରରେ ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କ ନାମ ଉଲ୍ଲେଖ ରହିବ। ଏହା ଉତ୍ତରାଧିକାର ସତ୍ତ୍ୱରେ ଉପଭୋଗ କରାଯାଇ ପାରିବ ଏବଂ ବିକ୍ରି ବା ହସ୍ତାନ୍ତର କରାଯାଇ ପାରିବ ନାହିଁ।**

- ନିର୍ଦ୍ଧାରିତ ଫର୍ମ ପୂରଣ କରି ଦାବିଦାରମାନେ ଦାବି ଆମନ୍ତ୍ରଣର ୩ ମାସ ମଧ୍ୟରେ ନିଜର ଦାବି ଦାଖଲ କରିପାରିବେ। ପ୍ରତ୍ୟେକ ଦାବି ସହ ଅତିକମ୍‌ରେ ଦୁଇଟି ପ୍ରମାଣ ସଂଲଗ୍ନ କରିବା ଜରୁରୀ।
- ଦାବି ଦାଖଲ କରି ସାରିବା ପରେ ଦାବିଦାରମାନେ ଜଙ୍ଗଲ ଅଧିକାର କମିଟି ନିକଟରୁ ଲିଖିତ ପ୍ରାପ୍ତି ରସିଦ୍ ଗ୍ରହଣ କରିବେ।
- ଜଙ୍ଗଲ ଅଧିକାର କମିଟି ଦାବିଗୁଡ଼ିକର ଯାଞ୍ଚକରି ସତ୍ୟାସତ୍ୟ ନିରୂପଣ କରିବ ତଥା ଏ ସମ୍ପର୍କରେ ନିଷ୍ପତ୍ତି ଗ୍ରହଣ କରିବା ପାଇଁ ନିଜର ମତାମତ ପଲ୍ଲୀସଭାରେ ଉପସ୍ଥାପନା କରିବ।
- ଜଙ୍ଗଲ ଅଧିକାର କମିଟିର ସୁପାରିଶ ଆଧାରରେ ପଲ୍ଲୀସଭା ଦାବିଗୁଡ଼ିକ ସମ୍ପର୍କରେ ନିଷ୍ପତ୍ତି ଗ୍ରହଣ କରିବ ଏବଂ ଉପଖଣ୍ଡସ୍ତରୀୟ କମିଟିକୁ ପ୍ରେରଣ କରିବ।
- ଉପଖଣ୍ଡସ୍ତରୀୟ କମିଟି ସମସ୍ତ ପଲ୍ଲୀସଭାରେ ହୋଇଥିବା ନିଷ୍ପତ୍ତି ଗୁଡ଼ିକୁ ଯାଞ୍ଚକରି ଅଭିଲେଖ ପ୍ରସ୍ତୁତ କରିବ ଏବଂ ଚୂଡ଼ାନ୍ତ ନିଷ୍ପତ୍ତି ପାଇଁ ଜିଲ୍ଲାସ୍ତରୀୟ କମିଟିକୁ ପ୍ରେରଣ କରିବ।
- ଜିଲ୍ଲା କମିଟିର ନିଷ୍ପତ୍ତି ଚୂଡ଼ାନ୍ତ ଏବଂ ଅପରିବର୍ତ୍ତିତ ରହିବ।
- ପଲ୍ଲୀସଭା ଏବଂ ଜଙ୍ଗଲ ଅଧିକାର କମିଟି ନିଜର ଦାୟିତ୍ୱନିର୍ବାହ ପାଇଁ ଆବଶ୍ୟକ କରୁଥିବା ସବୁପ୍ରକାର ସହଯୋଗ ଉପଖଣ୍ଡସ୍ତରୀୟ କମିଟିରୁ ପାଇପାରିବେ।

## କୌଣସି ସ୍ତରର ନିଷ୍ପତ୍ତିରେ ସହମତି ନଥିଲେ କ'ଣ

ପଲ୍ଲୀସଭାର ନିଷ୍ପତ୍ତିରେ ଅସନ୍ତୁଷ୍ଟ ବା ବ୍ୟଥିତ କୌଣସି ଦାବିଦାର ପଲ୍ଲୀସଭା ଦ୍ୱାରା ନିଷ୍ପତ୍ତି ଗ୍ରହଣର ୬୦ ଦିନ ମଧ୍ୟରେ ଉପଖଣ୍ଡ ସ୍ତରୀୟ କମିଟିକୁ ଆବେଦନ କରିପାରିବ ଏବଂ ଉକ୍ତ କମିଟି ଏହି ଆବେଦନ ଉପରେ ବିଚାର କରିବ। ବ୍ୟଥିତ ବ୍ୟକ୍ତିଙ୍କ ଆବେଦନର ବିଚାର ହେବା ପୂର୍ବରୁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ତାଙ୍କ ମାମଲାର ଉପସ୍ଥାପନ ନିମନ୍ତେ ଯଥେଷ୍ଟ ସୁଯୋଗ ଦିଆଯିବ ।

ପଲ୍ଲୀସଭାର ନିଷ୍ପତ୍ତି ବିରୁଦ୍ଧରେ କୌଣସି ଆବେଦନ ଉପଖଣ୍ଡସ୍ତରୀୟ କମିଟିରେ ବିଚାର ନହୋଇ ସିଧାସଳଖ ଜିଲ୍ଲାସ୍ତରୀୟ କମିଟିକୁ ପଠାଯାଇପାରିବ ନାହିଁ।

## ଜଙ୍ଗଲ ଅଧିକାର ପାଇଁ ପ୍ରମାଣ

ଜଙ୍ଗଲ ଅଧିକାରର ସ୍ୱୀକୃତି ପାଇଁ ପ୍ରମାଣ ଗୁଡ଼ିକରେ ନିମ୍ନ ଲିଖିତ ବ୍ୟବହାର କରାଯାଇପାରିବ।

- ସାର୍ବଜନୀନ ନଥି, ରାଜପତ୍ର, ଜନଗଣନା, ସର୍ବେକ୍ଷଣ ଏବଂ ବନ୍ଦୋବସ୍ତ ରିପୋର୍ଟ, ମାନଚିତ୍ର, ଉପଗ୍ରହ ଚିତ୍ର, କାର୍ଯ୍ୟକାରୀ ଯୋଜନା, ପରିଚାଳନା ଯୋଜନା, ଅଣୁଯୋଜନା, ଜଙ୍ଗଲ ଅନୁସନ୍ଧାନ ବିବରଣୀ, ଅନ୍ୟ ବନ ଅଭିଲେଖ, ପଟ୍ଟା ବା ଲିଜ୍ ଯେ କୌଣସି ନାମରେ ଅଧିକାରର ଅଭିଲେଖ, ସରକାରଙ୍କ ଦ୍ୱାରା ଗଠିତ କମିଟି ବା କମିଶନ ଗୁଡ଼ିକର ବିବରଣୀ, ସରକାରୀ ଆଦେଶ, ଅଧିସୂଚନା ଆଦେଶନାମା ସଂକଳ୍ପ ନାମା ଭଳି ସରକାରୀ ଦଲିଲ / ଅଭିଲେଖ;
- ଭୋଟପରିଚୟ ପତ୍ର, ରାସନ୍ କାର୍ଡ଼, ପାସପୋର୍ଟ, ଋଣ, ବୀମା ଏବଂ ଋଣ ତଥା ବାସଗୃହର ରସିଦ୍, ମୂଳ ନିବାସ ପ୍ରମାଣ ପତ୍ର ଭଳି ସରକାରୀ ସ୍ୱୀକୃତୀ ପ୍ରାପ୍ତ ନଥି ପତ୍ର।
- ଘର, କୁଡ଼ିଆଘର ବା ଜମିର ସ୍ଥାୟୀ ଉନ୍ନତି ପାଇଁ କରାଯାଇଥିବା ବାସ୍ତବିକ କାର୍ଯ୍ୟ ଯଥା : ସମତଳ କରିବା, ବନ୍ଧବାନ୍ଧିବା, ଚେକ୍‌ଡେମ୍ କରିବା ପାଇଁ।
- ନ୍ୟାୟାଳୟଗୁଡ଼ିକର ଆଦେଶ ଏବଂ ରାୟଭଳି ନ୍ୟାୟିକ ବା ନ୍ୟାୟବତ ଅଭିଲେଖ
- ଭାରତୀୟ ନୃତତ୍ତ୍ୱ ସର୍ବେକ୍ଷଣ ଭଳି ପ୍ରତିଷ୍ଠିତ ସଂସ୍ଥା ବା ବ୍ୟକ୍ତି ମାନଙ୍କ ଦ୍ୱାରା ଲୋକାଚାର ବା ପରମ୍ପରା ଉପରେ ଗବେଷଣା, ନଥିକରଣ ଯାହା ଜଙ୍ଗଲ ଅଧିକାରର ଉପଭୋଗ ଏବଂ ଲୋକାଚାର ସିଦ୍ଧବଳବତ୍ତର ଥିବା ଦର୍ଶାଉଥିବ;
- ମାନଚିତ୍ର, ଅଧିକାର ନଥି, ବିଶେଷାଧିକାର, ରିହାତି, ସପକ୍ଷ ଆଦେଶ ଭଳି କୌଣସି ଅଭିଲେଖ ଯାହା ଗଡ଼ଜାତ ଅମଳର ବା ପ୍ରାନ୍ତୀୟ ବା ଏଭଳି କୌଣସି ମଧ୍ୟବର୍ତ୍ତି ସମୟର;
- ପାରମ୍ପରିକ ସଂରଚନା ଯାହାର ପୁରାତନତ୍ୱକୁ ସ୍ଥାପିତ କରୁଥିବ, ଯେମିତିକି ପୁରୁଣା ଉନ୍ନୟନ କାର୍ଯ୍ୟ, କୂଅ, ଶ୍ମଶାନ ଓ ପବିତ୍ର ସ୍ଥାନ;
- ମୌଖିକ ବା ଲିଖିତ ବଂଶ ବୃତ୍ତାନ୍ତ, ଯେଉଁଥିରେ ପୂର୍ବ ଭୂମିଅଭିଲେଖାରେ ଉଲ୍ଲେଖିତ ବ୍ୟକ୍ତିର ବଂଶଧରମାନଙ୍କର ଇତିହାସ ବା ଯାହାକୁ ବହୁଦିନରୁ ଗ୍ରାମର ବୈଧ-ନିବାସୀର ମାନ୍ୟତା ଦିଆଯାଇଥିବ;
- ଦାବିଦାର ମାନଙ୍କ ବ୍ୟତିତ ବୟସ୍କମାନଙ୍କର ବୟାନ, ଯାହା ଲିଖିତ ରହିବ।
- ଏତଦ୍‌ବ୍ୟତୀତ ଗୋଷ୍ଠୀଜଙ୍ଗଲ ସମ୍ପଦ ପାଇଁ ପ୍ରମାଣ ମଧ୍ୟରେ ନିମ୍ନଲିଖିତ ବ୍ୟବହାର କରାଯାଇପାରିବ।
- ଯେ କୌଣସି ନାମରେ କଥିତ ନିସ୍ତାର ଭଳି ସାମୂହିକ ଅଧିକାର ;

ପାରମ୍ପରିକ ଗୋଚର ଜମି, ଜାଳେଣି କାଠ ସଂଗ୍ରହ ଅଞ୍ଚଳ, ପତ୍ରଖତ, ମୂଳ ଓ କନ୍ଦା, ପଶୁଖାଦ୍ୟ, ବନ୍ୟ ତୈଳବୀଜ ଏବଂ ଅନ୍ୟାନ୍ୟ ଲଘୁବନଜାତ ଦ୍ରବ୍ୟ; ମାଛ ଧରିବା ସ୍ଥାନ ବିଭିନ୍ନ ଜଳସେଚନ ପ୍ରଣାଳୀ, ମାନବ ଏବଂ ପଶୁ ଧନର ବ୍ୟବହାର ପାଇଁ ଜଳ ଉତ୍ସ, ବୈଦ୍ୟମାନେ ଔଷଧୀୟ ଉଦ୍ଭିଦ ସଂଗ୍ରହ କରୁଥିବା ଅଞ୍ଚଳ।

ଗୋଷ୍ଠୀଦ୍ୱାରା ନିର୍ମିତ ସଂରଚନାଗୁଡ଼ିକର ଅବଶେଷ, ପବିତ୍ର ବୃକ୍ଷ, ପବିତ୍ର ଗୁମ୍ଫା, ପବିତ୍ର ଜଳାଶୟ ବା ନଦୀ ଅଞ୍ଚଳ, ଶ୍ମଶାନ।

**ବସୁନ୍ଧରା, ୧୫, ସହିଦ ନଗର, ଭୁବନେଶ୍ୱର-୭**
**ଦୂରଭାଷ: ୦୬୭୪ - ୨୫୪୨୦୧୧ / ୧୨ / ୨୮**
**ଦ୍ୱାରା ଜନହିତ ଉଦ୍ଦେଶ୍ୟରେ**